# Akashvani, Sambalpur

## SAMBALPURI NEWS MORNING BULLETIN

## 6 May 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ- ଗୁଜୁରାଟ୍ ଆଇ ଆଣ୍ଡ୍ ପି.ଆର୍

ଗୁଜୁରାଟ୍ ପଶ୍ଚିମ ଭାରତ୍‌କେ ସମୃଦ୍ଧ କରିଛେ । ଇହାଦେ ପୂର୍ବ ଭାରତ୍‌କେ ସମୃଦ୍ଧ କର୍‌ବାର୍ ଲାଗି ଓଡ଼ିଶା ପ୍ରସ୍ତୁତ୍ ଅଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗୁଜୁରାଟ୍ ନ ଆୟୋଜିତ୍ ଓଡ଼ିଶା ନିବେଶକ୍ ସମ୍ମିଳନୀ ରୋଡ୍ ସୋଥ୍ ଯୋଗ୍ ଦେଇକରି ନିଜର୍ ଅଭିଭାଷଣ୍ ରଖିକରି ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଶା ଆଏବା ଦିନେ ଅଭିବୃଦ୍ଧିର କେନ୍ଦ୍ରବିନ୍ଦୁ ହେବା । ଦ୍ରୁତ ଅଭିବୃଦ୍ଧି, ନୀତିଗତ ଯୋଜ୍‌ନା ଆଉ ସୁବିଧାଜନକ୍ ନିବେଶ୍ ପରିବେଶ୍ ଜରିଏ ରାଜ୍ୟ ନିବେଶକ୍ ମାନ୍‌କର୍ ଲାଗି ଗୁଟେ ଭଲ୍ ସୁଯୋଗ୍ ତିଆର୍ କରୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ରୋଡ଼୍ ସୋଥି ୫ ଶହ ଅଏତ୍କା ଶିଳ୍ପପତି ଯୋଗ୍ ଦେଇଥିବାର୍ ବେଲେ ମୁଖ୍ୟମନ୍ତ୍ରୀ ୨୬ ଟା ୱ୍ୱାନ୍ ଟୁ ୱ୍ୱାନ୍ ବୈଠକ୍ଥି ନିବେଶ୍ ସୁଯୋଗ୍ ଆଉ ନୀତିଗତ ସାହାଜ୍କେ ନେଇକରି ଆଲୋଚନା କରିଛନ୍ । ଇ ଅବ୍ସରେ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

କପାସ କ୍ରାନ୍ତି ଏନ୍ଏସ୍ଡି

ଦେଶର୍ କପା ଚାଷୀମାନ୍କର୍ ଉନ୍ନତି ଆଉ କପାର ଉତ୍ପାଦନ୍ ବଢ଼ାବାର୍ ଲାଗି କେନ୍ଦ୍ର ସର୍କାର୍ କପାସ୍ କ୍ରାନ୍ତି ଅଭିଯାନ୍କେ ମଞ୍ଜୁରୀ ଦେଇଛନ୍ । କେନ୍ଦ୍ର କେବିନେଟ୍ ବୈଠକ୍ଥି ଗଲାକାଏଲ୍ ଇ ନିଷ୍ପତି ନିଆଯାଇଛେ । ଇଟା ୨୦୨୬-୨୭ ନୁ ୨୦୩୦-୩୧ ଆର୍ଥିକ୍ ବଛର୍ ଲାଗି କାର୍ଯ୍ୟକାରୀ ହେବା । ଇଥିର୍ଲାଗି ୫ ହଜାର୍ ୬ ଶହ ୫୯ କୋଟି ଟଙ୍କା ଖର୍ଚ୍ଚା ହେବା । ଇଥିର୍ଜରିଏ ୩୨ ଲାଖ୍ ନୁ ଅଏତ୍କା ଚାଷୀ ଉପକୃତ୍ ହେବେ ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ।

ବନ୍ୟା ମୁକାବିଲା ନିର୍ଦ୍ଦେଶାବଳୀ ଆଇ ଆଣ୍ଡ୍ ପି.ଆର୍

୨୦୨୬ ମୌସୁମୀ ଋତୁଥି ସହରାଂଚଲ୍ ନ ବଏଢ଼୍ ଆଉ ଜଳବନ୍ଦୀ ସମସ୍ୟାର ମୁକାବିଲା ଲାଗି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛେ । ଗୃହନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ନିର୍ଦ୍ଦେଶ୍ଥି ଇ ପଦକ୍ଷେପ୍ ନିଆଯାଇଛେ । ଡ୍ରେନେଜ୍ ଆଉ ମେନ୍ ହୋଲ୍ର ଶହେ ପ୍ରତିଶତ୍ ଯାଂଚ୍ ନାଲି ସଫା, ଜବର୍ଦଖଲ୍ ଉଚ୍ଛେଦ୍, ଆଉ ତଲିଆ ଇଲାକା ନ ପମ୍ପସେଟ୍ ଲଗାବାର୍ ଉପ୍ରେ ଜୋର୍ ଦିଆଯାଇଛେ । ସବୁ ପୌରାଂଚଲ୍ ନ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଥାପ୍ନା ସହେତେ ବର୍ଷାଥି କ୍ଷତିଗ୍ରସ୍ତ ହେଇଥିବା ରାସ୍ତାକେ ୭୨ ଘଂଟା ଭିତ୍ରେ ମରାମତି ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ବାତ୍ୟା ଆଶ୍ରୟସ୍ଥଲୀ ଆଉ ଶିକ୍ଷାନୁଷ୍ଠାନ୍ମାନ୍କୁ ସହାୟତା କେନ୍ଦ୍ର ଭାବେ ପ୍ରସ୍ତୁତ୍ ରଖାଯିବା । ଇତାର୍ସହେତେ ଡେଙ୍ଗୁ ମେଲେରିଆ ପ୍ରତିରୋଧ୍ ଆଉ ନାଗରିକ୍ ମାନ୍କୁ ସହଯୋଗ୍ ଲାଗି ଆହ୍ୱାନ୍ ଦିଆଯାଇଛେ ।

ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଇ ବଛରର୍ ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଲାଗି ଅନ୍‌ଲାଇନ୍ ଫର୍ମ ଭର୍‌ବାର୍ ସମିଆ ଆଏବା ୮ ତାରିଖ୍ ସଖାଲର୍ ୧୧ ବଜେନୁ ମୁଲ୍ ହେଇକରି ୧୮ ତାରିଖ୍ ରାତିର୍ ୧୧ ବାଜିକରି ୪୫ ମିନିଟ୍‌ତକ୍ ଚାଲ୍‌ବା । ଅନ୍‌ଲାଇନ୍ ଫର୍ମ ପୂରଣ୍‌ର ସବୁ ନିର୍ଦ୍ଦେଶାବଳୀ ସହେତେ ଫିସ୍ ଭର୍‌ବାର୍ ସୂଚ୍‌ନା ବୋର୍ଡ଼୍‌ର ୱେବ୍‌ସାଇଟ୍ www.bseodisha.ac.in ଥି ଛାତ୍ରଛାତ୍ରୀମାନେ ପାଇପାର୍‌ବେ । ସପ୍ଲିମେଂଟାରୀ ପରୀକ୍ଷା ଜୁଲାଇ ମାସର୍ ପହେଲା ହପ୍ତାଥି ହେବା ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ମିଳିଛେ ।

ମେଟ୍ରିକ୍ ପରୀକ୍ଷା ପୁନଃ ଯାଂଚ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବାର୍ଷିକ୍ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ୨୦୨୬ର ସବ୍‌ଜେକ୍ଟିଭ୍ ଆଉ ଅବ୍‌ଜେକ୍ଟିଭ୍ ପରୀକ୍ଷା ଖାତା ପୁନଃ ଯାଂଚ୍ ଆଉ ଅବିକଳ ନକଲ୍ ଲାଗି ଅନ୍‌ଲାଇନ୍ ଆବେଦନ୍ ଆଏବା ୧୧ ତାରିଖ୍‌ନୁ ମୁଲ୍ ହେଇକରି ୨୨ ତାରିଖ୍‌ତକ୍ ଚାଲ୍‌ବା । ଅନ୍‌ଲାଇନ୍ ଆବେଦନ୍‌ର ସବୁ ନିୟମାବଳୀ ବୋର୍ଡ଼ ୱେବ୍‌ସାଇଟ୍ ମିଳିପାରୁଛେ । ରାଜ୍ୟ ମୁକ୍ତ

ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଉ ମଧ୍ୟମା ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ଇଥିର୍‌ଲାଗି ମେ ୧୧ ନୁ ୨୨ ତାରିଖ୍ ଭିତ୍‌ରେ ଅଫ୍‌ଲାଇନ୍‌ଥି ବୋର୍ଡ଼ର ମୁଖ୍ୟ କାର୍ଯ୍ୟାଳୟ କି କେନ୍‌ସି ଜୋନ୍ କାର୍ଯ୍ୟାଳୟ ନ କାର୍ଯ୍ୟଦିବସ୍‌ଥି ଆବେଦନ୍ କରିପାର୍‌ବେ ।

ବିଶ୍ୱ ଆଜ୍‌ମା ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ଆଜ୍‌ମା ଦିବସ୍ । ପୁର୍‌ଥି ନ ଫି ବଛର୍ ମେ ମାସର୍ ପହେଲା ମଙ୍ଗଲ୍‌ବାର୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ଗ୍ଲୋବାଲ୍ ଇନିସିଏଟିଭ୍ ଫର୍ ଆଜ୍‌ମା- ଜି.ଆଇ.ଏନ୍.ଏ. ତର୍‌ଫୁ ୧୯୯୮ ମସିହାଥି ପହେଲାଥର୍ ଲାଗି ବିଶ୍ୱ ଆଜ୍‌ମା ଦିବସ୍ ପାଲନ୍ ହେଇଥିଲା । ଇ ରୋଗ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ସହେତେ ପ୍ରତିକାର୍ ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଏସି । ପ୍ରଦୂଷଣ ଆଉ ଅବ୍ୟବସ୍ଥିତ୍ ଜୀବନ୍‌ଶୈଳୀ ଶ୍ୱାସ ରୋଗ୍ ବଢ଼୍‌ବାର୍ କାରଣ୍ ଆଏ ବଲି ଜନାପଡ଼ିଛେ ।

ରନ୍ଧାଗେସ୍ କଳାବଜାରୀ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ରନ୍ଧା ଗେସ୍ ସିଲିଣ୍ଡର୍ ଆଉ ଅଲ୍‌ଗା ପେଟ୍ରୋଲିୟମ୍ ଇନ୍ଧନ୍ ଯୋଗାଣର ଆବଶ୍ୟକତା ଉପ୍‌ରେ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ରନ୍ଧା ଗେସ୍‌ର କଳାବଜାରୀ ଆଉ ଅଯଥା ବେଭାର୍ ରୁକ୍‌ବାର୍ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଛେ ।

ଭାଷା ସମୃଦ୍ଧି ଅଭିଯାନ୍          ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀର ଭାଷା ସମୃଦ୍ଧି ଅଭିଯାନ୍ କାର୍ଯ୍ୟକ୍ରମ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତିର୍ ସଂରକ୍ଷଣ୍ ଲାଗି ଡିଜିଟାଇଜେସନ୍ ଆଉ କୃତ୍ରିମ ବୁଦ୍ଧିମତାର୍ ବେଭାର୍ ଉପ୍‌ରେ ଜୋର୍ ଦିଆଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ବଲେ ବର୍ଷା ହେବାର୍‌ନୁ ତାପମାତ୍ରା କମିଛେ । ଭୁବ୍‌ନେଶ୍ୱର୍ ଅଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାକେ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ସବୁ ସହରର୍ ତାପମାତ୍ରା ୪୦ ଡିଗ୍ରୀ ତଲେ ରେକର୍ଡ଼୍ କରାଯାଇଛେ ।